## ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କୁ ଲାଞ୍ଚ ମାମଲା

# ଖଣ୍ଡପୀଠଙ୍କ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୧୩।୧୧/ପିଟି :**

ବିଚାରପତିଙ୍କ ବିରୋଧରେ ଲାଞ୍ଚ କାରବାର ଅଭିଯୋଗ ନେଇ ପିଟିସନ୍‌ର ବିଚାର ଯୋଗ୍ୟତା ଉପରେ ସୁପ୍ରିମକୋର୍ଟ ଆଜି ରାୟ ସଂରକ୍ଷିତ ରଖିଛନ୍ତି । ଜଷ୍ଟିସ୍ ଆର୍‌କେ ଅଗ୍ରୱାଲଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଆସନ୍ତାକାଲି ଫଇସଲା ଶୁଣାଇବାର ସମ୍ଭାବନା ରହିଛି । ଆବେଦନକାରୀ କାମିନୀ ଜୟସ୍ୱାଲଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ୍ ଶାନ୍ତି ଭୂଷଣ ଓ ତାଙ୍କ ପୁଅ ପ୍ରଶାନ୍ତ ଭୂଷଣ ଏଥିପୂର୍ବରୁ ଏ ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତରେ ପ୍ରଶ୍ନ ଉଠାଇଥିଲେ । ଏହି ସମୟରେ ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଲ ଆବେଦନକାରୀ ଏହି ଆବେଦନକୁ ପ୍ରତ୍ୟାହାର କରିନେବା ଉଚିତ ବୋଲି କହିଥିଲେ । ଅଦାଲତର ମର୍ଯ୍ୟାଦା ଦୃଷ୍ଟିରୁ ଆବେଦନକାରୀ ଏହା କରିବାକୁ ସେ କହିଥିଲେ । ଶାନ୍ତି ଭୂଷଣ କୋର୍ଟ ଜଣାଇଛନ୍ତି ଯେ, ଗୁରୁବାର ଦିନ ଜଷ୍ଟିସ୍ ଜେ ଚେଲମେଶ୍ୱରଙ୍କ ଖଣ୍ଡପୀଠ ଏହି ମାମଲାକୁ ବିଚାର ନିମନ୍ତେ ସାମ୍ବିଧାନିକ ବେଞ୍ଚକୁ ପଠାଇବା ନେଇ ଯେଉଁ ରାୟ ଦେଇଥିଲେ, ତାହା ଏବେ ବି ବଳବତ୍ତର ରହିଛି । ସମ୍ବିଧାନର ଧାରା ୧୪୪ ଅନୁଯାୟୀ ସମସ୍ତ ସିଭିଲ୍ ଓ ବିଚାର ବିଭାଗ, ଏମିତି କି ପ୍ରଧାନ ବିଚାରପତି ମଧ୍ୟ ଏହାକୁ ମାନିବାକୁ ବାଧ୍ୟ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ । ଏହି ସମୟରେ ଆଇନ୍‌ଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ଏହି କଥାକୁ ସମର୍ଥନ କରିବା ସହ ପୂର୍ବ ▶▶ ୭

ନିତିଦିନ NITIDIN
Tue, Nov 14, 2017
http://odishanewsnitidin.com